# NATIONAL NEWS BULLETIN (ODIA)

**6 November - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ
- ଭାରତ ଓ ନାଇଜେରିଆ ମଧ୍ୟରେ ଶେଷ ହେଲା ଦ୍ୱିପାକ୍ଷିକ ଦ୍ୱିତୀୟ ରଣନୈତିକ ଭାଗିଦାରୀ ଏବଂ ଆତଙ୍କବାଦ ନିରୋଧୀ ଆଲୋଚନା ।
- ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଜାରି
- ଯକ୍ଷ୍ମା ନିରାକରଣ ଦିଗରେ ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କଲା ଭାରତ

ଏବଂ

- ଆଇପିଏଲ୍-୨୦୨୫ ପାଇଁ ସାଉଦିଆରବର ଜେଦାହଠାରେ ଆସନ୍ତା ୨୪ ଓ ୨୫ ତାରିଖରେ ହେବ ଖେଳାଳି ନିଲାମ

## ପାର୍ଲାମେଣ୍ଟ-ଡ୍ୱିଣ୍ଟର ସେସନ୍

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ୨୬ ତାରିଖରେ ସଦନର କେନ୍ଦ୍ରୀୟ ହଲ୍‌ରେ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ପାଳନ କରାଯିବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ । ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ ।

## ଇଣ୍ଡିଆ-ନାଇଜେରିଆ

ଭାରତ ଓ ନାଇଜେରିଆ ମଧ୍ୟରେ ଦ୍ୱିତୀୟ ରଣନୈତିକ ଭାଗିଦାର ଏବଂ ଆତଙ୍କବାଦ ନିରୋଧୀ ଆଲୋଚନା ଗତକାଲି ନୂଆଦିଲ୍ଲୀରେ ଶେଷ ହୋଇଛି । ଦୁଇଦିନ ଧରି ଅନୁଷ୍ଠିତ ଏହି ଆଲୋଚନାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ନାଇଜେରିଆ ପ୍ରତିପକ୍ଷ ନୁହୁ ରିବାଡୁ ବିଭିନ୍ନ ପ୍ରସଙ୍ଗ ନେଇ ସହମତ ହୋଇଛନ୍ତି । ସେଥିମଧ୍ୟରେ ଆତଙ୍କବାଦ, ସାଇବର ସୁରକ୍ଷା ଏବଂ ଆନ୍ତର୍ଜାତିକ ଅପରାଧ, ଅସ୍ତ୍ରଶସ୍ତ୍ର ଓ ନିଶାଦ୍ରବ୍ୟ ଚୋରା ଚାଲାଣ ସମସ୍ୟାର ମୁକାବିଲା ଦିଗରେ ରଣନୈତିକ ଭାଗିଦାରିତାର ଢାଞ୍ଚା ପ୍ରସ୍ତୁତି ଅନ୍ତର୍ଭୁକ୍ତ । ଦକ୍ଷତା ବୃଦ୍ଧି ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ସୁଦୃଢ଼ କରିବା ପାଇଁ ଦୁଇଦେଶ ସହମତ ହୋଇଛନ୍ତି ।

ଭାରତ ଗସ୍ତ ଅବସରରେ ଶ୍ରୀ ରିବାଡୁ ଗତକାଲି ମାନେସର ସ୍ଥିତ ଜାତୀୟ ସୁରକ୍ଷା ଗାର୍ଡ ପରିସର ପରିଦର୍ଶନ କରିଥିଲେ ।

## ଝାଡ଼ଖଣ୍ଡ ବିଜେପି ସସ୍‌ପେନସନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦିତା କରୁଥିବାରୁ ବିଜେପିର ୩୦ ଜଣ ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି । ଦଳର ରାଜ୍ୟଶାଖା ସଭାପତି ବାବୁଲାଲ ମାରାଣ୍ଡି ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ଦଳର ନୀତିକୁ ଅବମାନନା କରି ନାମାଙ୍କନପତ୍ର ଦାଖଲ ଏବଂ ଦଳୀୟ ପ୍ରାର୍ଥୀଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦିତା କରୁଥିବାରୁ ଏହି ନେତାଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି । ସୂଚନାଯୋଗ୍ୟ ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ପାଇଁ ଆସନ୍ତା ୧୩ ଏବଂ ୨୦ ତାରିଖ ଦୁଇଟି ପର୍ଯ୍ୟାୟରେ ମତ ଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ଝାଡ଼ଖଣ୍ଡ-ଇସି

ଭାରତର ନିର୍ବାଚନ ଆୟୋଗ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ୱୟଂସହାୟକ ଗୋଷ୍ଠୀ ଆଦିଙ୍କୁ ନିର୍ବାଚନ ସଂପର୍କିତ କାର୍ଯ୍ୟକଳାପରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଆୟୋଗ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଭୋଟର ସ୍ଲିପ୍ ବଣ୍ଟନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର ସୂଚନା ଦେଇଛନ୍ତି । ନିର୍ବାଚନ ଘୋଷଣା ପରଠାରୁ ରାଜ୍ୟର

ବିଭିନ୍ନ ସ୍ଥାନରୁ ୧୫୧ କୋଟି ଟଙ୍କା ଜବତ କରାଯାଇଛି ବୋଲି ଶ୍ରୀ କୁମାର କହିଛନ୍ତି । ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ଏପର୍ଯ୍ୟନ୍ତ ୩୧ଟି ମାମଲା ରୁଜୁ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ନୀତିଆୟୋଗ-ଜଳ ଉତ୍ସବ

ଜଳ ପରିଚାଳନା, ସଂରକ୍ଷଣ ଏବଂ ଏହାର ସ୍ଥାୟୀତ୍ୱ ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟରେ ନୀତି ଆୟୋଗଙ୍କ ପକ୍ଷରୁ ଆଜିଠାରୁ ଜଳ ଉତ୍ସବର ଆୟୋଜନ କରାଯାଉଛି । ଏହି ଉତ୍ସବ ୧୫ ଦିନ ଧରି ଚାଲିବ । ଗତ ବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ତୃତୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀରେ ନଦୀ ଉତ୍ସବ ଭଳି ଜଳ ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇଥିଲେ । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୨୦ଟି ଆକାଂକ୍ଷି ଜିଲ୍ଲା ଏବଂ ବ୍ଲକ୍‌ରେ ଜଳ ଉତ୍ସବ ପାଳନ ନେଇ ପଦକ୍ଷେପ ନିଆଯାଇଛି ବୋଲି ନୀତି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଜାତୀୟ ଜଳ ଜୀବନ ମିଶନ୍, ପାନୀୟ ଜଳ ଓ ପରିମଳ ବିଭାଗ, ଜଳଶକ୍ତି ମନ୍ତ୍ରଣାଳୟର ମିଳିତ ସହଯୋଗରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ । ୨୦ଟି ରାଜ୍ୟରେ ଏହି ଅଭିଯାନରେ ଜଳସମ୍ପଦ ସଂରକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ମିଳିତ ସହଯୋଗ ନେଇ ସଚେତନତା ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତିକାତ୍ମକ ଭାବେ ଜଳ ବନ୍ଧନ ମାଧ୍ୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯିବ ବୋଲି ନୀତି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ହରିଆଣା-ସେସନ୍

ହରିଆଣାର ପଞ୍ଚଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ସେହି ଦିନ ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବ । ବାଚସ୍ପତି ହରବିନ୍ଦର କଲ୍ୟାଣ କହିଛନ୍ତି, ଆଗାମୀ ବୈଠକ ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି । ବୈଠକ ପୂର୍ବରୁ ପରିଚାଳନା ପରାମର୍ଶ କମିଟି ଅନୁଷ୍ଠିତ ହୋଇ ବିଧାନସଭା କାର୍ଯ୍ୟସୂଚୀ ଉପରେ ବିସ୍ତୃତ ଆଲୋଚନା ହେବ ବୋଲି ବାଚସ୍ପତି କହିଛନ୍ତି ।

## ୟୁଏସ୍-ପ୍ରେଜ୍ ଭୋଟ୍

ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଜାରି ରହିଛି । ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ କମଳା ହାରିସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ମତଦାନ କେନ୍ଦ୍ରରେ ଭୋଟରଙ୍କର ଲମ୍ବା ଧାଡ଼ି ଲାଗିଥିବା ଜଣାପଡ଼ିଛି । ଟ୍ରମ୍ପ ଏବଂ ତାଙ୍କ ପତ୍ନୀ ମେଲାନିଆ ଫ୍ଲୋରିଡାର ପାମ୍ ବିଚ୍‌ରେ ଥିବା ମାଣ୍ଡେଲ୍ ରିକ୍ରିଏସନ୍ ସେଣ୍ଟରରେ ଭୋଟ୍ ଦେଇଛନ୍ତି । କମଳା ହାରିସ୍ ଅଧିକରୁ ଅଧିକ ମତଦାନ ପାଇଁ ଭୋଟରଙ୍କୁ ନିବେଦନ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଭରମୋଣ୍ଟରେ ପ୍ରଥମେ ମତଦାନ ଆରମ୍ଭ ହୋଇଥିଲା । କ୍ରମଶଃ ଅନ୍ୟ ପ୍ରଦେଶ ଗୁଡ଼ିକରେ ମତଗ୍ରହଣ କରାଯିବ । ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ୍ ମିଚିଗାନ୍ ଠାରେ ନିଜର ଶେଷ ନିର୍ବାଚନୀ ଭାଷଣ ଦେଇଥିବା ବେଳେ ହାରିସ୍ ପେନ୍‌ସିଲ୍ ଭାନିଆରେ ତାଙ୍କର ନିର୍ବାଚନ ପ୍ରଚାର ଶେଷ କରିଥିଲେ । ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ୍ ସୀମା ସିଲ୍ କରିବାକୁ ପ୍ରତିଶ୍ରୁତି ଦେବା ସହ ଟ୍ରିଲିୟନ୍ ଟଙ୍କାର ଟିକସ ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ଅନ୍ୟ ପକ୍ଷରେ ହାରିସ୍ ଗର୍ଭପାତ ଅଧିକାର ପ୍ରଦାନ ସହିତ କର୍ମଜୀବୀଙ୍କ ପରିବାର ପାଇଁ ଖାଦ୍ୟ ଓ ବାସଗୃହ ଖର୍ଚ୍ଚ ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ । ମୋଟ୍ ୫୩୮ ଇଲେକ୍ଟୋରାଲ୍ କଲେଜ ଭୋଟ୍ ମଧ୍ୟରୁ ୨୭୦ ଭୋଟ୍ ହାସଲ କରିଥିବା ପ୍ରାର୍ଥୀ ବିଜୟୀ ସାବ୍ୟସ୍ତ ହେବେ ।  ପାଖାପାଖି ୨୪୪ ନିୟୁତ ପଞ୍ଜିକୃତ ଭୋଟର ଅଛନ୍ତି । ଗତ ୨୦୨୦ ନିର୍ବାଚନରେ ପ୍ରାୟ ୬୬ ପ୍ରତିଶତ ମତଦାନ ହୋଇଥିଲା । ନିର୍ବାଚନ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି ।  ନୂଆ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଆସନ୍ତା ଜାନୁଆରୀ ୨୦ରୁ ଆରମ୍ଭ ହେବ ।

## ଇସ୍ରାଏଲ୍-ନିଉ ଡିଫେନ୍ସ ମିନିଷ୍ଟର

ଇସ୍ରାଏଲ୍ ପ୍ରତିରକ୍ଷାମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କୁ ବହିଷ୍କାର କରିବାକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନିର୍ଦ୍ଦେଶ ଦେବା ସହ ତାଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ କାଟ୍‌ଜୁଙ୍କୁ କାର୍ଯ୍ୟ କରିବାକୁ କହିଛନ୍ତି । ଗିଡିଓନ୍ ସର୍

ବୈଦେଶିକ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ଗାଲାଣ୍ଟଙ୍କୁ ଏ ନେଇ ଚିଠି ଲେଖାଯାଇଛି । ଚିଠି ପାଇବାର ୪୮ ଘଣ୍ଟା ପରେ ତାଙ୍କର କାର୍ଯ୍ୟକାଳ ଶେଷ ହେବ । ତାଙ୍କ ସେବା ପାଇଁ ଶ୍ରୀ ନେତାନ୍ୟାହୁ ଗାଲାଣ୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ଗାଲାଣ୍ଟ କ୍ୟାବିନେଟ୍ ନିଷ୍ପତ୍ତିକୁ ବିରୋଧ କରିବା ଏବଂ ଏହା ବିରୁଦ୍ଧରେ ଦେଉଥିବା ମତ ପରୋକ୍ଷରେ ଇସ୍ରାଏଲ୍ ସରକାରଙ୍କୁ ଅଡୁଆରେ ପକାଉଥିବା ନେଇ ଶ୍ରୀ ନେତାନ୍ୟାହୁ ଅଭିଯୋଗ କରିଛନ୍ତି । ବିଶ୍ୱାସର ସଂକଟ ଥିବା ଦର୍ଶାଇ ଶ୍ରୀ ଗାଲାଣ୍ଟଙ୍କ ବିରୁଦ୍ଧରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି ।

## ସାରଦା-ଡେଥ୍

ବିଶିଷ୍ଟ କଣ୍ଠଶିଳ୍ପୀ ସାରଦା ସିହ୍ନାଙ୍କର ଗତକାଲି ନୂଆଦିଲ୍ଲୀରେ ପରଲୋକ ହୋଇଛି । ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା ।  ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ସେ ଚିକିତ୍ସାଧୀନ ଥିଲେ । ଭୋଜପୁରୀ ଏବଂ ମୈଥିଲୀ ଲୋକଗୀତର ବିଶିଷ୍ଟ କଣ୍ଠଶିଳ୍ପ ଭାବେ ଖ୍ୟାତି ଅର୍ଜନ କରିଥିବା ଶ୍ରୀ ସିହ୍ନା ପଦ୍ମଭୂଷଣ, ପଦ୍ମଶ୍ରୀ ଏବଂ ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଛଟ୍ ପୂଜା ଅବସରରେ  ଏହି ଲୋକପ୍ରିୟ କଣ୍ଠଶିଳ୍ପୀଙ୍କର ସଂଗୀତ ଆଧ୍ୟାତ୍ମିକ

ପରିବେଶ ସୃଷ୍ଟି କରିଥାଏ । ତାଙ୍କ ବିୟୋଗ ସଂଗୀତ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଏହି ଘଟଣାରେ ମର୍ମାହତ ହେବା ସହ ସଂଗୀତ ଜଗତ ପାଇଁ ଏହା ଅପୂରଣୀୟ କ୍ଷତି ବୋଲି କହିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ବିହାରର କୋକିଳା ନାମରେ ପରିଚିତ ଏହି କଣ୍ଠଶିଳ୍ପୀ ମୈଥିଳୀ ଏବଂ ଭୋଜପୁରୀ ଲୋକଗୀତକୁ ଅଧିକ ଲୋକପ୍ରିୟ କରାଇଥିଲେ । ତାଙ୍କ ସ୍ୱର ବିନା ପୂର୍ବାଞ୍ଚଳର ଲୋକ ପରମ୍ପରା ଅସମ୍ପୂର୍ଣ୍ଣ ମନେହେବ ବୋଲି ଶ୍ରୀ ଶାହା କହିଛନ୍ତି ।

# ଟିବି-ଏଲିମିନେସନ

ଯକ୍ଷ୍ମା ନିରାକରଣ ଦିଗରେ ଭାରତ ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରିଛି । ୨୦୧୫ରୁ ୨୩ ମସିହା ମଧ୍ୟରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟାରେ ୧୭ ଦଶମିକ ୭ ପ୍ରତିଶତ ହ୍ରାସ ଘଟିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ଏହି ହାର ବିଶ୍ୱର ହାରାହାରି ହ୍ରାସ ପରିମାଣର ଦୁଇଗୁଣ । ଏହି ସଫଳତା ଭାରତର ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ସଫଳ ପ୍ରତିପାଦନ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ ଉଲ୍ଲେଖ କରିଛି । ୨୦୧୫ ତୁଳନାରେ ଯକ୍ଷ୍ମା ସଂକ୍ରମଣ ହାରରେ ୮୦ ପ୍ରତିଶତ ଏବଂ ଯକ୍ଷ୍ମା ଜନିତ ମୃତ୍ୟୁ ହାରରେ ୯୦ ପ୍ରତିଶତ ହ୍ରାସ ଘଟିଛି । ଭାରତ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାରୋଗର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

# ଆଇପିଏଲ୍

ଇଣ୍ଡିଆନ୍ ପ୍ରିମିୟର ଲିଗ୍-୨୦୨୫ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଆସନ୍ତା ୨୪ ଓ ୨୫ ତାରିଖରେ ସାଉଦିଆରବର ଜେଦାହ ଠାରେ ଅନୁଷ୍ଠିତ ହେବ । ଏ ନେଇ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି । କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବିଦେଶରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଛି । ଆସନ୍ତାବର୍ଷ ପାଇଁ ୧ ହଜାର ୧୬୫ ଜଣ ଭାରତୀୟ ଏବଂ ୪୦୯ ଜଣ ବିଦେଶୀ କ୍ରିକେଟ ଖେଳାଳିଙ୍କୁ ମିଶାଇ ମୋଟ୍ ୧ ହଜାର ୫୭୪ ଜଣଙ୍କୁ ନିଲାମ ପ୍ରକ୍ରିୟାରେ ସାମିଲ କରାଯାଇଛି । ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ସର୍ବାଧିକ ୨୫ ଜଣ ଖେଳାଳିଙ୍କୁ ନେଇପାରିବେ । ୨୦୪ଟି ନିଲାମ ବାବଦରେ ୧୦ଟି ଫ୍ରାଞ୍ଚାଇଜ୍ ପ୍ରାୟ ୬୪୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ରହିଛି ।